# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

SHREE JAGANNATHA TEMPLE ADMINISTRATION
Puri, Odisha

ନଭେମ୍ବର - ୨୦୨୧ NOVEMBER - 2021

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ମାର୍ଗଶୀର କୃଷ୍ଣପକ୍ଷ ପଞ୍ଚମୀ ତା. ୨୪.୧୧.୨୧ରିଖ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏବଂ ଅନ୍ୟ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଶିଳାନ୍ୟାସ କରିଛନ୍ତି । ଏହା ସହିତ ଶିଳାନ୍ୟାସ ପାଇଁ ଶ୍ରୀମନ୍ଦିର ଉତ୍ତର-ପୂର୍ବ କୋଣରେ ଚାରି ଦିନ ଧରି ଚାଲିଥିବା ଯଜ୍ଞବିଧିର ମଧ୍ୟ ପୂର୍ଣ୍ଣାହୂତି ସମ୍ପନ୍ନ ହୋଇଛି ।

ବୁଧବାର ସକାଳ ପ୍ରାୟ ଘ.୯.୩୦ମି. ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଯଜ୍ଞବେଦୀ ନିକଟସ୍ଥ ସଭାସ୍ଥଳରେ ପହଞ୍ଚିଥିଲେ । ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଏବଂ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମଡେଲକୁ ମୁଖ୍ୟମନ୍ତ୍ରୀ ଅନାବରଣ କରିଥିଲେ । ଏହାପରେ ପ୍ରକଳ୍ପରେ ବ୍ୟବହୃତ ହେବାକୁ ଥିବା ଏକ ଶିଳାକୁ ଫୁଲ, ଚନ୍ଦନ ପ୍ରଦାନ କରିଥିଲେ ।



ପରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଜମି ଦେଇଥିବା ମଠ ଏବଂ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ସମୁଦାୟ ୧୨୫ଜଣଙ୍କୁ ଏହି ଅବସରରେ ରୌପ୍ୟ ମୁଦ୍ରା ସ୍ମାରକୀ, ସହ ମହାପ୍ରଭୁଙ୍କ ଲାଗିଖଣ୍ଡୁଆ, ମହାପ୍ରସାଦ, ନିର୍ମାଲ୍ୟ, ତୁଳସୀ, ରଥ କାଠ, ରଥ ଦଉଡ଼ି, ରଥକନା ଏବଂ ଶରଧା ବାଲି ପ୍ରଦାନ କରି ସମ୍ମାନିତ କରାଯାଇଥିଲା ।

ଅପରପକ୍ଷରେ ନିର୍ଦ୍ଧାରିତ ସମୟରେ ବେଦ ମନ୍ତ୍ର ଓ ଶଙ୍ଖନାଦ ଏବଂ ହରିବୋଲ ମଧ୍ୟରେ ଯଜ୍ଞଶାଳାରୁ ଶିଳା ବିଜେ ଅନୁଷ୍ଠିତ ହୋଇଥିଲା । ଅତିଥିଙ୍କ ଉପସ୍ଥିତିରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ ଶିଳାନ୍ୟାସ କରିଥିଲେ । ଏହାପରେ ଯଜ୍ଞଶାଳାରେ ପୂର୍ଣ୍ଣାହୂତି ସମ୍ପର୍ଣ୍ଣ ହୋଇଥିଲା ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ ପାଇଁ ଚାରି ଦିନ ବ୍ୟାପି ଆୟୋଜିତ ଯଜ୍ଞକାର୍ଯ୍ୟର ପ୍ରଥମ ଦିବସ ଅର୍ଥାତ୍ ତା. ୨୧.୧୧.୨୧ ରିଖ ରବିବାର ଶ୍ରୀନହର ଠାରେ ଗଜପତି ମହାରାଜାଙ୍କ ଦ୍ୱାରା ଗୁଆ ଟେକା ନୀତି ସମ୍ପନ୍ନ କରାଯାଇଥିଲା । ଏଥି ସହିତ ଦ୍ୱିପ୍ରହରରେ ଶିଳା ଅଧିବାସ, ମଣ୍ଡଳୀକରଣ, ଯଜ୍ଞମଣ୍ଡପ ଅଧିବାସ ଏବଂ ରାତ୍ରିରେ ଅଙ୍କୁରାରୋପଣ କରାଯାଇଥିଲା । ଦ୍ୱିତୀୟ ଦିନ ଅର୍ଥାତ୍ ତା. ୨୨.୧୧.୨୧ ରିଖ ସୋମବାର ପଞ୍ଚକର୍ମ, ବ୍ରାହ୍ମଣ ବରଣ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ଏବଂ ଯଜ୍ଞାନୁଷ୍ଠାନରେ ପ୍ରକଳ୍ପର ଶିଳାନ୍ୟାସରେ ଲାଗିବାକୁ ଥିବା ଶିଳାର ପୂଜନ କରାଯାଇଥିଲା । ତତ୍‌ସହିତ ଅନ୍ୟାନ୍ୟ ଆନୁସଙ୍ଗିକ ଯଜ୍ଞରୀତିମାନ ସମ୍ପନ୍ନ କରାଯାଇଥିଲା । ସେହିପରି ଯଜ୍ଞର ତୃତୀୟ ଦିବସ ତଥା ତା. ୨୩.୧୧.୨୧ ରିଖ ମଙ୍ଗଳବାର ଯଜ୍ଞମଣ୍ଡପ ଠାରେ ସୂର୍ଯ୍ୟ ପୂଜା, ଗୋ-ପୂଜା, ଦ୍ୱାରପାଳ ପୂଜା, ଶିଳା ପୂଜା, ଅଗ୍ନି ପୂଜା ଏବଂ ବରଣ କରାଯାଇଥିଲା । ଶିଳା ସ୍ନାନ, ଶୟନ, ସନ୍ଧ୍ୟା ଆଳତୀ ଏବଂ ପୁଷ୍ପାଞ୍ଜଳି ନୀତି ସମ୍ପନ୍ନ ହୋଇଥିଲା ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ମୁଖ୍ୟାଂଶ ହେଲା :- (୧) ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସୁରକ୍ଷା କରିଡର ସହ ସବୁଜ ବଳୟ ସୃଷ୍ଟି ଏବଂ ସୌନ୍ଦର୍ଯ୍ୟକରଣ (୨) ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ପରିକ୍ରମା ନିମନ୍ତେ ଅନ୍ତଃ ଓ ବାହ୍ୟ ପ୍ରଦକ୍ଷିଣ ପଥ (୩) ଚ଼ତୁଃପାର୍ଶ୍ୱରେ ଥିବା ମଠ ଏବଂ ମନ୍ଦିରଗୁଡ଼ିକର ପୁନଃ ବିକାଶ (୪) ରଥଯାତ୍ରା ଏବଂ ଅନ୍ୟ ଯାନିଯାତ୍ରା ସମୟରେ ବ୍ୟବହାର ପାଇଁ ସ୍ୱତନ୍ତ୍ର ପ୍ରଦିକ୍ଷଣ ପଥ (୫) ଭକ୍ତଙ୍କ ସାମଗ୍ରୀ ରଖିବା ସକାଶେ ୫୦୦ ବର୍ଗମିଟର ପରିମିତ କ୍ଷେତ୍ରରେ ଗୃହ ନିର୍ମାଣ (୬) ଦକ୍ଷିଣ ଓ ପଶ୍ଚିମ ଦ୍ୱାରରେ କ୍ଷୁଦ୍ର ସାମଗ୍ରୀ ରଖିବା ଗୃହ (୭) ଭକ୍ତଙ୍କ ପାଇଁ ସମସ୍ତ ଦ୍ୱାରରେ ସୂଚନା ଓ ଦାନକେନ୍ଦ୍ର (୮) ସେବାୟତ ତଥା ପୁରୁଷ ଏବଂ ମହିଳା ଭକ୍ତଙ୍କ ନିମନ୍ତେ ସ୍ୱତନ୍ତ୍ର ଶୌଚାଳୟର ବ୍ୟବସ୍ଥା (୯) ତୀର୍ଥଯାତ୍ରୀଙ୍କ ସୁରକ୍ଷା ଓ ନିରପତ୍ତା ପାଇଁ ଆରକ୍ଷୀ ସେବା କେନ୍ଦ୍ର (୧୦) ପାନୀୟ ଜଳ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଏବଂ ଏ.ଟି.ଏମ୍ ଆଦିର ବ୍ୟବସ୍ଥା (୧୧) ଶ୍ରୀମନ୍ଦିର ପ୍ରଶାସନ ମୁଖ୍ୟ କାର୍ଯ୍ୟାଳୟର ପୁନଃ ବିକାଶ (୧୨) ଏକାସଙ୍ଗରେ ୬,୦୦୦ ଭକ୍ତଙ୍କ ସୁବିଧା ନିମନ୍ତେ ଅଭ୍ୟର୍ଥନା ପ୍ରକୋଷ୍ଠ (୧୩) ପଶ୍ଚିମ ଓ ଦକ୍ଷିଣ ପାର୍ଶ୍ୱରେ ଭକ୍ତଙ୍କ ପାଇଁ ଆଶ୍ରୟ ସ୍ଥଳୀ ।

ଏହି କାର୍ଯ୍ୟକ୍ରମର ଅନ୍ତିମ ଦିବସରେ ମୁଖ୍ୟମନ୍ତ୍ରୀ, ଗଜପତି ମହାରାଜାଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ପ୍ରମୁଖ ରାଜନୈତିକ ଦଳର ନେତୃବୃନ୍ଦ, ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟବୃନ୍ଦ, ସମସ୍ତ ସେବାୟତ ନିଯୋଗର ପ୍ରତିନିଧି, ମୁକ୍ତିମଣ୍ଡପର ପ୍ରତିନିଧି ଏବଂ ପ୍ରକଳ୍ପ ପାଇଁ ଜମି ପ୍ରଦାନ କରିଥିବା ବ୍ୟକ୍ତିଙ୍କ ସମେତ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀବୃନ୍ଦ ଯୋଗଦେଇଥିଲେ ।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଅତିଥିବୃନ୍ଦ, ପୁରୀ ବାସିନ୍ଦା, ଜମି ପ୍ରଦାନ କରିଥିବା ବ୍ୟକ୍ତି, ପ୍ରଶାସନର ବିଭିନ୍ନ ବିଭାଗର କର୍ମଚାରୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ଆନ୍ତରିକ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ରମା ଏକାଦଶୀ :

ତା ୧.୧୧.୨୧ ରିଖ ସୋମବାର ଦିନ କାର୍ତ୍ତିକ କୃଷ୍ଣ ଏକାଦଶୀ ତିଥିରେ ସନ୍ଧ୍ୟା ଆଳତି ପରେ ରମା ଏକାଦଶୀ ନୀତି ପାଳିତ ହୋଇଥିଲା । ଏହି ନୀତି ସନ୍ଧ୍ୟା ଆଳତି ପରେ ଆରମ୍ଭ ହୋଇଥିଲା । ଏହି ନୀତି ପାଇଁ ସକାଳେ ଘଟୁଆରି ରୂପା ପିଙ୍ଗଣରେ ଚନ୍ଦନ, କର୍ପୂର ଓ କସ୍ତୁରୀ ଯୋଗାଇଥିଲେ । ରାଜା ସୁପରିଣ୍ଟେଣ୍ଡେଣ୍ଟଙ୍କ ତରଫରୁ ଆବଶ୍ୟକ ଘିଅ, ଚନ୍ଦ୍ର ଉଦିଆ ୧୨, କର୍ପୂର ଓ ବଳିତା ଆଳତି, ପୂଜା ଆଳତି ଦାନୀ, ରତ୍ନଭଣ୍ଡାରରୁ ଗଦିଫେଟା, ଘସା ବିଡ଼ିଆ ଓ ଦହିପଟି ଯୋଗାଇଥିଲା । ବିମାନ ଘରୁ ବିମାନ ଆସି, ଭଣ୍ଡାର ଘରୁ ରୂପା କଳସ ଆସେ । ଅଖଣ୍ଡ ମେକାପ ବଇଠା ଯୋଗାଇଥାନ୍ତି, ପାଳିଆ ଖୁଣ୍ଟିଆ ଶୁକ୍ଳ ଫୁଲ ଯୋଗାନ୍ତି । ଏହି ନୀତି କାର୍ଯ୍ୟ ୨୨ ଜଣ ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଥାଏ । ଯଥା- ଘଟୁଆରି, ପଣ୍ଡା, ପତିମହାପାତ୍ର, ମୁଦିରସ୍ତ, ପାଳିଆ ପଶୁପାଳକ, ବିମାନବଡୁ, ପାଳିଆ ପଢ଼ିଆରୀ, ଖଟଶେଯ ମେକାପ, ଆସ୍ଥାନ ପଢ଼ିଆରୀ, ସୁଦୁସୁଆର, ଚୂନରା, ପର୍ବଯାତ୍ରା ଯୋଗାଣିଆ, ଛତାର, ଘଣ୍ଟୁଆ, କାହାଳିଆ, ଦୁହୁଡ଼ିଆ, ଭିତରଛ ମହାପାତ୍ର, ପାଳିଆ ମେକାପ, ଅମୁଣିଆ ଛତାର, ପାଳିଆ ଖୁଣ୍ଟିଆ, ପୂଜାପଣ୍ଡା, ଅଖଣ୍ଡ ମେକାପ । ଏକାଦଶୀରେ ମଧ୍ୟାହ୍ନ ଧୂପ ସରି ମୈଲମ ପରେ ଶାଢ଼ୀ, ଖଣ୍ଡୁଆ ଲାଗି ହୋଇ ସନ୍ଧ୍ୟା ଆଳତି ହେବା ପରେ ଠାକୁରମାନଙ୍କର ସର୍ବାଙ୍ଗ ଚନ୍ଦନ ଲାଗି ହୋଇଥିଲା । ଘଟୁଆରି ଘରୁ ରୂପା ପିଙ୍ଗଣରେ ଯୋଗାଇଥିବା ଚନ୍ଦନ, କର୍ପୂର, କସ୍ତୁରୀ, ଚୁଆ ଇତ୍ୟାଦି ଭଣ୍ଡାର ଦ୍ୱାରରେ ରହିଥାଏ । ପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ଏହା ନିଅନ୍ତି । ସେମାନେ ସିଂହାସନରେ ଥିବା ତିନି ଜଣ ପାଳିଆ ପଶୁପାଳକ ଠାକୁରଙ୍କୁ ଚନ୍ଦନ ଲାଗି କରିଥିଲେ । ସର୍ବାଙ୍ଗ ପୂର୍ବରୁ ଦକ୍ଷିଣି ଘରୁ ମହାଜନେ ମଦନମୋହନଙ୍କୁ ଭିତରେ ବିଜେ କରାଇଥିଲେ । ଆଜ୍ଞାମାଳ ପାଇଲାପରେ ମହାଜନେ ମଦନମୋହନଙ୍କୁ ନେଇ ଝୁଲଣ ମଣ୍ଡପ ତଳେ ବିମାନବଡୁ ରଖିଥିବା ପାଲିଙ୍କିରେ ବିଜେ ହୋଇ ଛତାର, ଘଣ୍ଟୁଆ ଓ କାହାଳିଆ ସମେତ ଶ୍ରୀମନ୍ଦିର ବେଢ଼ା ବୁଲି ପାଲିଙ୍କି ମଙ୍ଗଳାଙ୍କ ଆଗରେ ରହିଥାଏ । ଏହାପରେ ମହାଜନେ ଠାକୁରଙ୍କୁ ଜୟବିଜୟ ଦ୍ୱାରକୁ ନେଲା ପରେ ପାଳିଆ ପଢ଼ିଆରୀ ଏହି ଦ୍ୱାର ବନ୍ଦ କରିଥିଲେ ଏବଂ ଖଟଶେଯ ମେକାପ ଆସନ ପକାଇ ଠାକୁରଙ୍କୁ ସେଠାରେ ବିଜେ କରାଇଥାନ୍ତି । ପୂଜାପଣ୍ଡା ଆସି କୋରା ଭୋଗ କଲାପରେ ଆଳତି, ବନ୍ଦାପନା ଓ ଭୋଗ, ନକ୍ଷେତ୍ର ବନ୍ଦାପନା ନୀତି ଅନୁସାରେ ହୋଇଥିଲା । ପଢ଼ିଆରୀ ଦୁଆର ଖୋଲିବା ପରେ ଠାକୁର ଦକ୍ଷିଣି ଘରକୁ ବିଜେ କରିଥିଲେ ।

ଏହାପରେ ସନ୍ଧ୍ୟା ଧୂପ ପରେ ମହାଦୀପ ଆଳତି ପାଇଁ ଗରୁଡ଼ ସେବକ ଚୂନରା ୩ଟା ରୂପା କଳସରେ ଘିଅ ଓ ପ୍ରତ୍ୟେକରେ କଦଳୀ ବାସୁଙ୍ଗାରେ ନୂଆକନାକୁ ନୂଆକନା ଗୁଳା ବଳିତା ଭଳି କରିଥାଏ । କଳସରେ ବାସୁଙ୍ଗା ବୁଡ଼ିଥାଏ । ମାତ୍ର ବଳିତା କାଠି ଉପରକୁ ଥାଏ । ଚୁନରା ତାହା ଧରି ରତ୍ନସିଂହାସନ ପାଖକୁ ଯାଇ ପତ୍ରି ହାତରେ ଦେଇଥାନ୍ତି । ପତ୍ରି ବଳିତା ଲଗାଇ ତିନି ବାଡ଼ରେ ତିନି ପଣ୍ଡାଙ୍କୁ ଦେଇଥିଲେ । ସେମାନେ ସଂସ୍କାର ପୂର୍ବକ ମହାଦୀପ ଆଳତି କରିଥାନ୍ତି ଓ ସିଂହାସନ ଗ୍ଭରିପଟେ ବେଢ଼ା ବୁଲି ଜୟ ବିଜୟ ଦ୍ୱାରବାଟେ ଆସି ଗଣେଶଙ୍କ ରାସ୍ତା ଦେଇ ମହାଦୀପ କଳସରେ ଧରି ବିମଳାଙ୍କ ପର୍ଯ୍ୟନ୍ତ ଯାଇଥିଲେ । ବିମଳା ମନ୍ଦିର ସାମ୍ନାରେ ଚୁନରାକୁ ୩ଟି କଳସ, ନୀଳଚକ୍ର ପାଇଁ ତୁଳସୀ, ଚନ୍ଦନ ଦେଇ ପଣ୍ଡାମାନେ ଗ୍ଭଲିଯାନ୍ତି । ଏ ସମୟରେ ଘଟୁଆରି ଚୁନରାକୁ ୧୨ଟା ଚନ୍ଦ୍ର ଉଦିଆ ଦେଇଥିଲେ । କଳସ ରଖି ଦେଇ ମହାଦୀପ, ଚନ୍ଦ୍ର ଉଦିଆ ଧରି ୩ ଜଣ ଚୁନରା ମନ୍ଦିର ଉପରକୁ ଉଠିବା ସହିତ ସଙ୍ଗରେ ନଡ଼ିଆ କତା ଲଗାଇ ନିଆଁ ଲଗାଇଥିଲେ । ଦଧି ନଉତି ତଳେ ଠିଆ ହୋଇ ତୁଳସୀ, ଚନ୍ଦନ ନୀଳଚକ୍ରଙ୍କୁ ଲାଗି କରି ଗ୍ଭରିପଟେ ୩ ଘେରା ବୁଲି ଚନ୍ଦ୍ର ଉଦିଆ ପ୍ରତ୍ୟେକ ଦିଗରେ ୩ଟି ଲେଖାଁଏ ଜାଳନ୍ତି । ବୁଲିବା ସମୟରେ 'ମା ପ୍ରଭୁ ପୁରୀ ରାଜାଙ୍କୁ (ନାମଧରି) ଶଙ୍ଖେ ପୁରାଇ ଚନ୍ଦ୍ର ଆଢୁଆଳେ କରନ୍ତୁ' ବୋଲି ଓ ହରିବୋଲ ଡାକ ଦିଅନ୍ତି । ଏହି ମତେ ଏକାଦଶୀ ନୀତି ସମ୍ପୂର୍ଣ୍ଣ ହୋଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ହରି ଉତ୍ଥାପନ ଓ ଲକ୍ଷ୍ମୀନାରାୟଣ ବେଶ :

ତା. ୧୫.୧୧.୨୧ ରିଖ ସୋମବାର ଦିନ କାର୍ତ୍ତିକ ଶୁକ୍ଳ ଏକାଦଶୀ ତଥା ହରି ଉତ୍ଥାପନ (ବଡ଼) ଏକାଦଶୀ ନିମନ୍ତେ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା । ପରମ୍ପରା ପ୍ରକାରେ ମଙ୍ଗଳ ଆଳତି, ଅବକାଶ ବଢ଼ିଲା ପରେ ମୈଲମ ହୋଇ 'ଲକ୍ଷ୍ମୀନାରାୟଣ ବେଶ' ଅନୁଷ୍ଠିତ ହୋଇଥିଲା । ବେଶ ବଢ଼ିଲା ପରେ ରୋଷହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ଗୋପାଳବଲ୍ଲଭ, ବାଳଧୂପ ଓ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତଙ୍କ ଦ୍ୱାରା ଘଟୁଆରୀ ଘରୁ ଚନ୍ଦନ ଆସି ସର୍ବାଙ୍ଗ ଚନ୍ଦନ ଲାଗି ବଢ଼ି ମଧ୍ୟାହ୍ନ ଧୂପ ପୂଜା ବର୍ଷଥିଲା ।



ଭୋଗ ସରିଲା ପରେ ପାଣିପଢ଼ି ମୈଲମ ହୋଇ ଶାଢ଼ୀ ଖଣ୍ଡୁଆ ଲାଗି ପରେ ଝଡ଼ା ଆଳତି ହୋଇଥିଲେ । ଏହାପରେ ମେକାପ ଘରୁ ଚନ୍ଦନ ବିଜେ ହୋଇ ଚନ୍ଦନ ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ସଂଧ୍ୟା ଧୂପ ପୂଜା ବଢ଼ି ମହାଦୀପ ଆଳତି ହୋଇ ନୀଳଚକ୍ରକୁ ମହାଦୀପ ବିଜେ ହୋଇ, ଗଜପତି ମହାରାଜା ଶ୍ରୀଦିବ୍ୟସିଂହ ଦେବ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରାଯାଇ 'ମହାଦୀପ' ରଖାଯାଇଥିଲା । ପରେ ମହାପ୍ରଭୁଙ୍କର ଉତ୍ଥାପନ ନୀତି ଆରମ୍ଭ ହୋଇଥିଲା । ଖଟ ଶେଯ ଘର ଉପର ଭାଗରେ ଥିବା ଘରକୁ ତଢ଼ଉ କରଣଙ୍କ ଉପସ୍ଥିତିରେ ଖୋଲାଯାଇ ମୁଦିରସ୍ତ ତିନି ବାକ୍ସ ଖୋଲିଥିଲେ । ପରେ ତିନି ଶୟନ ଠାକୁରଙ୍କର ମହାସ୍ନାନ, ସର୍ବାଙ୍ଗ ଚନ୍ଦନ ଲାଗି, ବେଶ, କର୍ପୂର ଲାଗି ପରେ ଉତ୍ଥାପନ ନୀତି ବଢ଼ିଥିଲା । ପୁଷ୍ପାଞ୍ଜଳୀ, ବନ୍ଦାପନା ପରେ ବାକ୍ସମାନଙ୍କୁ ଯଥାରୀତିରେ ରଖାଯାଇ ଉକ୍ତ ଘରର ଦୁଆରକୁ ମୁଦ ଦିଆଯାଇଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବାଙ୍କଚୂଡ଼ ବେଶ ଓ ଗରୁଡ଼ ଉତ୍ଥାପନ :

ତା. ୧୬.୧୧.୨୧ ରିଖ ମଙ୍ଗଳବାର ଦିନ କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ଗରୁଡ଼ଙ୍କ ଉତ୍ଥାପନ ନୀତି ବିଶେଷ ଭାବେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଦିନ ମହାପ୍ରଭୁଙ୍କର ବାଙ୍କଚୂଡ଼ ବେଶ ପରେ ଅନ୍ୟାନ୍ୟ ନୀତିମାନ ହୋଇ ସକାଳ ଧୂପ, ବାଳଧୂପ, ଭୋଗମଣ୍ଡପ ପରେ ସାହାଣମେଲା, ମହାସ୍ନାନ, ବେଶବଢ଼ି ମଧ୍ୟାହ୍ନ ଧୂପ ହୋଇଥିଲା । ପରେ ସଂଧ୍ୟାଆଳତି, ସଂଧ୍ୟାଧୂପ ସରିଲା ପରେ ଜଗମୋହନରେ ଅବସ୍ଥିତ ଶ୍ରୀଗରୁଡ଼ଙ୍କ ନିକଟରେ ମହାସ୍ନାନ ପୂଜା ଠା' ହୋଇଥିଲା । ପୂର୍ବରୁ ଚୂନରା ସେବକ ଗରୁଡ଼ଙ୍କୁ ମୈଲମ କରିଥିଲେ । ପୂଜା ଠା' ପରେ ପୂଜାପଣ୍ଡା ଆସି ମହାସ୍ନାନ କଲାପରେ ଚୂନରା ସେବକ ଗରୁଡ଼ଙ୍କୁ ଦହି, ପଞ୍ଚାମୃତ, ଚୁଆ, ତେଲ ଦ୍ୱାରା ମାଜଣା କରି ନୂଆଲୁଗା ଲାଗି ସହିତ ମହାପ୍ରଭୁଙ୍କ ବାଡ଼ରୁ ଆସିଥିବା ମାଳଚୂଳ ପିନ୍ଧାଇ ବେଶ କରିଥିଲେ । ପରେ ପାଣିପଡି ଶୀତଳଭୋଗ କରି ପଞ୍ଚୋପଚାରରେ ସମାପନା ହୋଇ ଉତ୍ଥାପନ ନୀତି ନିମନ୍ତେ ପ୍ରସାଦ ଲାଗି, ବନ୍ଦାପନା ହୋଇଥିଲା । ଏହାପରେ ଦକ୍ଷିଣ ଘରୁ ମଦନମୋହନ ସିଂହାସନକୁ ବିଜେ ହେବା ପରେ ଆଜ୍ଞାମାଳ ପାଇ ଜଗମୋହନରେ ପଡ଼ିଥିବା ଖଟକୁ ବିଜେ ହୋଇ ଶରତ ରାହାସ ନିମନ୍ତେ ଶୀତଳ ଭୋଗ, ବନ୍ଦାପନା ହୋଇ ଘରକୁ ବାହୁଡା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହମାନଙ୍କ ରାଜାଧିରାଜ (ସୁନା) ବେଶ :

ତା. ୧୯.୧୧.୨୧ ରିଖ ଶୁକ୍ରବାର ଦିନ ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମଙ୍ଗଳ ଆଳତି ଓ ଅବକାଶ ନୀତି ଅନୁଷ୍ଠିତ ହେବା ପରେ ପାଳିଆ ପୁଷ୍ପାଳକମାନେ ଶ୍ରୀବିଗ୍ରହଙ୍କୁ 'ରାଜରାଜେଶ୍ୱର ବେଶ ବା ସୁନା ବେଶ'ରେ ସଜ୍ଜିତ କରିଥିଲେ । ଏହି ବେଶରେ ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳପୂଜା, ଗୋପାଳବଲ୍ଲଭ ଭୋଗ, ସକାଳ ଧୂପ, ବାଳ ଧୂପ, ଭୋଗମଣ୍ଡପ ଇତ୍ୟାଦି ନୀତି ଅନୁଷ୍ଠିତ ହୋଇଥିଲା । ଭୋଗ ମଣ୍ଡପ ସରିବା ପରେ 'ସୁନାବେଶ' ଓଲାଗି କରାଯାଇ ଅନ୍ୟାନ୍ୟ ନୀତିମାନ ଅନୁଷ୍ଠିତ ହୋଇଥିଲା ।

# ଶ୍ରୀଜଗନ୍ନାଥଙ୍କ ପର୍ବପର୍ବାଣିରେ ମହାକାର୍ତ୍ତିକ ମାସ

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପର୍ବପର୍ବାଣିରେ ମହାକାର୍ତ୍ତିକ ମାସର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ । ବର୍ଷକ ବାରମାସ ମଧ୍ୟରୁ କାର୍ତ୍ତିକ ମାସ 'ଧର୍ମ ମାସ' ଭାବେ ଅବିହିତ । ଶ୍ରୀଜଗନ୍ନାଥଙ୍କ ପ୍ରଧାନ ଦ୍ୱାଦଶ ଯାତ୍ରା ମଧ୍ୟରୁ ଅନ୍ୟତମ ଉତ୍ଥାପନ ଯାତ୍ରା ଯାହାକି କାର୍ତ୍ତିକ ମାସ ଶୁକ୍ଳ ଏକାଦଶୀରେ ସମାହିତ ହୋଇଥାଏ । ଶ୍ରୀଜଗନ୍ନାଥ (ହରି) ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଠାରୁ




ଚାରିମାସ ଶୟନ କରି କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ଉତ୍ଥାପନ କରିଥାନ୍ତି । କାର୍ତ୍ତିକ ମାସରେ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ବ୍ରତ ପାଳନ କରାଯାଇଥାଏ । ପାପ ସମୁଦ୍ରରୁ ଉତ୍ତୀର୍ଣ୍ଣ ହେବା ନିମିତ୍ତ ଏହି ବ୍ରତ ସଂକଳ୍ପ କରି ବ୍ରତୀ ଦେବଦେବ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରିଥାଏ । ସ୍କନ୍ଦ ପୁରାଣ, ଉତ୍କଳଖଣ୍ଡ ଅନୁସାରେ-

ଅନୁଜାନୀହି ମାଂ ଦେବ ଲୋକାନୁଗ୍ରହକାରମ୍ ।
ଇତି ସଂପ୍ରାର୍ଥ୍ୟ ଦେବେଶଂ ସଙ୍କଳ୍ପ୍ୟ ବ୍ରତ ରାଜକମ୍ ॥
ଗୃହୀୟାତ୍ ପୁଣ୍ୟମାସେ ତୁ କାର୍ତ୍ତିକେ ଦେବେସେବିତେ ।
ସୌରଭେୟପୟଃ ଶାଳିଭୋଜନଃ ପରମ ଶୁଚି ॥
(୫୬-୫-୬)

ପୂର୍ବେ ଶ୍ରୀଜଗନ୍ନାଥଙ୍କ ଆଦେଶରେ ଶିବ ଏହା ଅନୁଷ୍ଠାନ କରିଥିଲେ ତଥା ଶିବଙ୍କ ଆଦେଶ ଅନୁସାରେ ସ୍ୱୟମ୍ଭୁବ ମନୁ ଓ ଅଗସ୍ତି ମୁନି ଏହି ବ୍ରତ ଆଚରଣ କରିଥିବା ଶିବ ସ୍କନ୍ଦଙ୍କୁ କହିଛନ୍ତି । ଏହି ବ୍ରତକୁ ଏକଧାରାରେ ବୈଷ୍ଣବ ତଥା ବୈଦିକ ବ୍ରତ ବୋଲି କୁହାଯାଇପାରେ । ଉକ୍ତ ବ୍ରତକୁ ବ୍ରତୀ ପାଞ୍ଚ ପ୍ରକାର ବିଧି ଆଚରଣ ପୂର୍ବକ ପାଳନ କରିଥାଏ । ୧- କର୍ମକାଣ୍ଡୀ ବିଧି ଆଚରଣ ଯଥା- ଆହୁତି ପ୍ରଦାନ, ଅଗ୍ନିପୂଜା, ଜପ ଇତ୍ୟାଦି । ୨- ଦୈହିକ ଶୁଦ୍ଧ ବିଧି ଆଚରଣ ଯଥା- ସାତ୍ତ୍ୱିକ ଆହାର ଗ୍ରହଣ, ତ୍ରିସନ୍ଧ୍ୟା ସ୍ନାନାଦି । ୩- ମାନସିକ ବିଧି ଆଚରଣ ଯଥା- ଦାନ, ମିଥ୍ୟା ଓ ଅନ୍ୟର ଅନିଷ୍ଟ ଚିନ୍ତ ତ୍ୟାଗାଦି । ୪- ଜ୍ଞାନ ମାର୍ଗିକ ବିଧି ଆଚରଣ ଯଥା- ଦେବସାର ପୁରୁଷସୂକ୍ତ, ଆଗ୍ନେୟ ଓ ବୈଷ୍ଣବ ସୂକ୍ତ, ଉପନିଷଦ, ଗୀତା, ବିଷ୍ଣୁ ସହସ୍ର ନାମ ପାଠାଦି । ୫- ଭକ୍ତି ବିଧି ଆଚରଣ ଯଥା- ଅର୍ଚ୍ଚନ, ବନ୍ଦନ, ସ୍ତୁତି କୀର୍ତ୍ତନ ଇତ୍ୟାଦି । ବ୍ରତୀ ବ୍ରାହ୍ମଣ ଓ ବୈଷ୍ଣବମାନଙ୍କ ପ୍ରତି ବିଶେଷ ଭକ୍ତି କରିବେ ।

ଏହି ବ୍ରତ ପାଳନ ବିଧି ଦ୍ୱାରା ଶ୍ରୀଜଗନ୍ନାଥ ସଂସ୍କୃତିରେ ବ୍ରାହ୍ମଣ୍ୟ ଧର୍ମ ତଥା ବୈଷ୍ଣବ ଧର୍ମର ସମନ୍ୱୟ ସ୍ଥାପନ କରାଯାଇଛି । ଏହା ବ୍ୟତୀତ ଆଷାଢ଼ ମାସ ଠାରୁ ଆରମ୍ଭ ହୋଇଥିବା 'ଚତୁର୍ମାସ୍ୟା ବ୍ରତ' ଏହି କାର୍ତ୍ତିକରେ ଉଦ୍‌ଯାପନ ହୋଇଥାଏ । ପୁନଶ୍ଚ କୌଣସି ମନୁଷ୍ୟ ଯଦି କାର୍ତ୍ତିକ ବ୍ରତ ଗ୍ରହଣ ନିମିତ୍ତ ଅସମର୍ଥ, ତେବେ ଶ୍ରୀଜଗନ୍ନାଥଙ୍କ ପ୍ରୀତ୍ୟର୍ଥେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ବକପଞ୍ଚକ ବନ୍ୟବୃତ୍ତି ଅବଲମ୍ବନ କରିବା ବିଧେୟ । ଏହି କାର୍ତ୍ତିକ ମାସରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ ହୋଇଥାଏ । ଆଶ୍ୱିନ ଶୁକ୍ଳ ଏକାଦଶୀ ଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ରାଧା ଦାମୋଦର ବେଶ, କାର୍ତ୍ତିକ ଅମାବାସ୍ୟା ଠାରୁ ଶୁକ୍ଳ ଦଶମୀ ମଧ୍ୟରେ ସୋମବାରରେ- ହରିହର ବେଶ ଏବଂ କାର୍ତ୍ତିକ ଶୁକ୍ଳ ଏକାଦଶୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଯଥାକ୍ରମେ- ଲକ୍ଷ୍ମୀନାରାୟଣ, ବାଙ୍କଚୂଡ଼, ତ୍ରିବିକ୍ରମ, ଲକ୍ଷ୍ମୀନୃସିଂହ ଏବଂ ରାଜବେଶ ହୋଇଥାନ୍ତି । ବାମଦେବ ସଂହିତା ଅନୁଯାୟୀ ଏକ ଅତୀତ ଘଟଣାର ସ୍ମାରକୀ ସ୍ୱରୂପ ରାଧାଦାମୋଦର ବେଶ ଓ ସ୍ୱତନ୍ତ୍ର ଭୋଗ ପ୍ରଚଳନ ହୋଇଥିଲା, ଯାହା ବାଳଭୋଗ ନାମରେ ଅବିହିତ ହୋଇଥାଏ । ସେହିପରି ରାଧାଦାମୋଦର ବେଶ ହେଉଛି, ଶ୍ରୀଜଗନ୍ନାଥ ରାଧା ଓ କୃଷ୍ଣ ବା ପ୍ରକୃତି ପୁରୁଷର ମିଳିତ ତନୁ ଅଟନ୍ତି ବୋଲି ଭକ୍ତକବି ଜଗନ୍ନାଥ ଦାସ ସ୍ୱରଚିତ 'ନୀଳାଦ୍ରି ବିଳାସ' ନାମକ ସଂସ୍କୃତ ଗ୍ରନ୍ଥରେ ଅବତାରଣା କରିଛନ୍ତି ।

ଏହି ପୁଣ୍ୟ କାର୍ତ୍ତିକ ମାସର ଶୁକ୍ଳ ଦ୍ୱାଦଶୀରେ ଗରୁଡ଼ ଉତ୍ଥାପନ ନୀତି ଶ୍ରୀମନ୍ଦିରରେ ଅନୁଷ୍ଠିତ ହୋଇଥାଏ । କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥଙ୍କ ଚତୁର୍ଥାର୍ଚ୍ଚନ ପରେ ଦୀପଦାନ କରାଯାଇ ବନ୍ଦାପନା କରାଯାଇଥାଏ । ଯେଉଁ ବ୍ୟକ୍ତି ଏହି ଦୀପଦାନ ବନ୍ଦାପନା ଦର୍ଶନ କରନ୍ତି, ସେ ଶ୍ରୀକ୍ଷେତ୍ରବାସ ଫଳପ୍ରାପ୍ତ ହୋଇ ଅନ୍ତକାଳରେ ବିଷ୍ଣୁ ଲୋକକୁ ଗମନ କରିଥାନ୍ତି ବୋଲି ବାମଦେବ ସଂହିତାରୁ ଜଣାଯାଏ ।

ଚଳିତ ବର୍ଷ କାର୍ତ୍ତିକ ମାସରେ କୋଭିଡ଼୍ କଟକଣା ମଧ୍ୟରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ । ସେବକମାନଙ୍କର ପ୍ରତିବଦ୍ଧତା, ନିଷ୍ଠା ଓ ଉତ୍ସର୍ଗୀକୃତ ମନୋଭାବ ଯୋଗୁଁ ନୀତି ଶୃଙ୍ଖଳିତ ହୋଇପାରିଛି ବୋଲି ମୁଖ୍ୟ ପ୍ରଶାସକ ଡଃ. କ୍ରିଷନ୍ କୁମାର ପ୍ରକାଶ କରିବା ସହ ସମସ୍ତ ନିଯୋଗ ଓ ପାଳିଆ ସେବକଙ୍କୁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ପୋଲିସ୍ ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀମାନେ ଅକ୍ଳାନ୍ତ ପରିଶ୍ରମ କରିଥିବାରୁ ମୁଖ୍ୟ ପ୍ରଶାସକ ଧନ୍ୟବାଦ ଅର୍ପଣ କରିଛନ୍ତି ।




ତା. ୧୬.୧୧.୨୧ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆହୂତ 'ପ୍ରଥମ ପଞ୍ଜିକା ସମୀକରଣ' ବୈଠକ ।

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।
ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଶ୍ରୀକ୍ଷେତ୍ର ସଂପର୍କରେ ବିଭିନ୍ନ ମତବାଦ

ପ୍ରକୃତରେ ଏହି କ୍ଷେତ୍ରର ପ୍ରତିଷ୍ଠା କେବେ କେଉଁ ପରିସ୍ଥିତିରେ ହୋଇଥିଲା, ସେ ବିଷୟରେ ବହୁ ଆଲୋଚକ ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ସେମାନଙ୍କର ମତ ଦେଇଛନ୍ତି । କେହି କେହି ଆଲୋଚକ କହନ୍ତି ଯେ ଆଦିବାସୀ ଶବରମାନଙ୍କ ବୃକ୍ଷପୂଜାରୁ ଜଗନ୍ନାଥ ଉପାସନାର ସୃଷ୍ଟି । ପୁଣି କେହି କହନ୍ତି ଯେ ପ୍ରାଚୀନ କାଳରେ ଆଦିବାସୀ ଶବରମାନେ ବର୍ତ୍ତମାନ ପରି ବହୁପୂର୍ବ କାଳରେ କାଠ ଖଣ୍ଡିଏ ସ୍ଥାପନ କରି ତାହାକୁ ଦେବତା ମଣି ପୂଜା କରୁଥିଲେ । ସିନ୍ଦୂର, କଜ୍ଜଳ ପ୍ରଭୃତି ପଦାର୍ଥରେ ତାହାର ଆଖି, ପାଟି ପ୍ରଭୃତି ଚିତ୍ର କରି ଦେଉଥିଲେ । ସେହିପରି ଜଣେ ଶବର ଜାତିର ଦେବତାଙ୍କର ପୂଜାକ୍ରମ ବଢ଼ି ବଢ଼ି ଆଜିର ଜଗନ୍ନାଥ ଉପାସନାରେ ପରିଣତ ହୋଇଛି । କେହି ପୁଣି କହନ୍ତି ଯେ ସେହି ମୌଳିକ ଦେବତା ହେଉଛନ୍ତି ଜଗନ୍ତ ଓ ସେହି ଶବ୍ଦରୁ ଜଗନ୍ନାଥ ଶବ୍ଦର ଉତ୍ପତ୍ତି ହୋଇଛି । ପୁରାଣରେ ଉଲ୍ଲେଖ ଅଛି ଯେ ସେହି ମୌଳିକ ଆଦିବାସୀ ଦେବତା ଥିଲେ ନୀଳମାଧବ, ପରେ ରାଜା ଇନ୍ଦ୍ରଦ୍ୟୁମ୍ନ ତାଙ୍କ ସ୍ଥାନରେ ଚାରି ଦାରୁମୂର୍ତ୍ତି ଗଢ଼ି ସ୍ଥାପନ କରିଛନ୍ତି । ପୁଣି କେତେକ ଆଲୋଚକ ପ୍ରକାଶ କରନ୍ତି ଯେ ଏହି ଶ୍ରୀକ୍ଷେତ୍ରଟି ପୂର୍ବେ ଏକ ବୌଦ୍ଧକ୍ଷେତ୍ର ଥିଲା ଓ ଏଠାରେ ବୌଦ୍ଧ ତ୍ରିରତ୍ନ, ଯଥା ବୁଦ୍ଧ, ଧର୍ମ ଓ ସଂଘଙ୍କର ପୂଜା ହେଉଥିଲା । ଧର୍ମ ସ୍ତ୍ରୀରୂପିଣୀ ଥିଲେ । କାଳକ୍ରମେ ବୌଦ୍ଧଧର୍ମର ପ୍ରଭାବ କମିଯିବାରୁ ଏହି ତିନିଦେବତାଙ୍କୁ ଜଗନ୍ନାଥ, ସୁଭଦ୍ରା ଓ ବଳଭଦ୍ର ରୂପରେ ପୂଜା କରାଯାଉଛି । ପୁଣି କେହି କହନ୍ତି ଯେ ବର୍ତ୍ତମାନ ଜଗନ୍ନାଥ ମୂର୍ତ୍ତି ପୂର୍ବକାଳର ବୁଦ୍ଧଦେବଙ୍କ ମୂର୍ତ୍ତିର ପରିବର୍ତ୍ତନ ରୂପ । ପୁରୀଠାରେ ପୂର୍ବକାଳରେ ଗୋଟିଏ ବୌଦ୍ଧ ସ୍ତୂପ ଥିଲା ଓ ଏହି ବୁଦ୍ଧମୂର୍ତ୍ତି ସେଠାରେ ପୂଜିତ ହେଉଥିଲେ । ଆଉ କେତେକଙ୍କ ମତରେ ଜଗନ୍ନାଥ ହେଉଛନ୍ତି ଜଣେ ଜୈନ ଦେବତା; ସେ ଆଦି ତୀର୍ଥଙ୍କର ଋଷଭଦେବ କି ୨୩ଶ ତୀର୍ଥଙ୍କର ପାର୍ଶ୍ୱନାଥ ଅଥବା ୨୪ତମ ତୀର୍ଥଙ୍କର ମହାବୀର ହୋଇପାରନ୍ତି ।



ଅନ୍ୟପକ୍ଷରେ କେତେଜଣ ଆଲୋଚକ ଜଗନ୍ନାଥଙ୍କୁ ମୌଳିକଭାବରେ ବିଷ୍ଣୁ ଦେବତା ରୂପରେ ପ୍ରତିଷ୍ଠିତ ହୋଇଥିବାର ମତ ଦିଅନ୍ତି । ଆଉ କେତେ ଗବେଷକ ତାଙ୍କୁ ବିଷ୍ଣୁଙ୍କର ପୂର୍ଣ୍ଣାବତାର କୃଷ୍ଣ ବୋଲି କହନ୍ତି । ତାହା ହେଲେ ଓଡ଼ିଶାରେ ବିଷ୍ଣୁ ଉପାସନା ବା କୃଷ୍ଣ ଉପାସନା ଯେଉଁ କାଳରେ ଆରମ୍ଭ ହୋଇଥିଲା, ତାହା ପରେ ହିଁ ଏହି କ୍ଷେତ୍ରର ସୃଷ୍ଟି ହୋଇ ତହିଁରେ ବିଷ୍ଣୁ-କୃଷ୍ଣରୂପୀ ଜଗନ୍ନାଥଙ୍କର ପୂଜା କରାଯାଉଛି । ତାଙ୍କୁ ସାକାର ଓ ନିରାକାର ପରଂବ୍ରହ୍ମ ରୂପରେ ମଧ୍ୟ ଗ୍ରହଣ କରାଯାଉଛି ।

### ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ

ବର୍ତ୍ତମାନ ଶ୍ରୀକ୍ଷେତ୍ରରେ ଯେଉଁ ବିଶାଳ ମନ୍ଦିରଟି ଅଛି, ତହିଁରେ ଶ୍ରୀଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ଓ ସୁଦର୍ଶନ ପୂଜା ପାଉଛନ୍ତି । ଏହି ଚାରିମୂର୍ତ୍ତି ଦାରୁ ବା କାଠରେ ତିଆରି । ସ୍କନ୍ଦପୁରାଣରେ ଉଲ୍ଲେଖ ରହିଛି ଯେ ଭଗବାନ ବିଷ୍ଣୁ ସ୍ୱୟଂ ଚାରିମୂର୍ତ୍ତି ହୋଇ ଏହି କ୍ଷେତ୍ରରେ ବିରାଜମାନ କରିଛନ୍ତି । ଏହି ଚାରି ମୂର୍ତ୍ତି ହେଉଛନ୍ତି- ବଳରାମ ରୂପଧାରୀ ଅନନ୍ତ, ଲକ୍ଷ୍ମୀରୂପିଣୀ ସୁଭଦ୍ରା, ସ୍ୱୟଂ ନାରାୟଣ ଓ ତାଙ୍କର ଚକ୍ର ସୁଦର୍ଶନ । ଏମାନଙ୍କ ବ୍ୟତୀତ ମାଧବ, ଲକ୍ଷ୍ମୀ ଓ ସରସ୍ୱତୀ ମଧ୍ୟ ଶ୍ରୀମନ୍ଦିର ମଧ୍ୟରେ ରତ୍ନସିଂହାସନରେ ବିରାଜିତ ହୋଇଛନ୍ତି । ଲକ୍ଷ୍ମୀ ଓ ସରସ୍ୱତୀ ଦୁଇ ମୂର୍ତ୍ତି ଧାତୁରେ ନିର୍ମିତ । ସେ ଦୁଇ ମୂର୍ତ୍ତି ସାଧାରଣତଃ ଜଗନ୍ନାଥ ମୂର୍ତ୍ତିର ଦୁଇପାଖେ ଥାଆନ୍ତି । ମାଧବ ମୂର୍ତ୍ତି ଜଗନ୍ନାଥଙ୍କ ମୂର୍ତ୍ତି ପରି, କିନ୍ତୁ କ୍ଷୁଦ୍ର ଆକୃତିର । ସେ ମଧ୍ୟ ଜଗନ୍ନାଥ ମୂର୍ତ୍ତିର ପାଖରେ ରହିଥାନ୍ତି । ସୁଦର୍ଶନ ସ୍ତମ୍ଭ ପରି । ସେ ଜଗନ୍ନାଥଙ୍କର ବାମ ପାଖରେ ଥାଆନ୍ତି । ମନ୍ଦିର ମଧ୍ୟକୁ ପଶିଲାବେଳେ ବାମ ପଟେ ବଳଭଦ୍ର, ମଝିରେ ସୁଭଦ୍ରା ଓ ଡାହାଣପଟେ ଜଗନ୍ନାଥ ଓ ଅନ୍ୟସବୁ ଦେବଦେବୀଙ୍କର ଦର୍ଶନ ହୁଏ । ସାଧାରଣତଃ ଏହି ତିନିଦେବତାଙ୍କ ପାଇଁ ତିନି ବାଡ଼ରେ ସବୁ ନୀତି ଓ ପୂଜା ହୁଏ ।

ବଳଭଦ୍ର ଶ୍ୱେତବର୍ଣ୍ଣ, ସୁଭଦ୍ରା ହଳଦିଆ ବର୍ଣ୍ଣ ଓ ଜଗନ୍ନାଥ କଳା । ଅନ୍ୟ ଦେବଦେବୀଙ୍କ ମୂର୍ତ୍ତିପରି ଏମାନେ ସଂପୂର୍ଣ୍ଣ ରୂପରେ ମନୁଷ୍ୟାକୃତି ନୁହଁନ୍ତି । ଏହି ତିନିମୂର୍ତ୍ତିଙ୍କର କାନ, ହାତ, ପାପୁଲି, ଗୋଡ଼, ଓଠ, ଭ୍ରୂଲତା ପ୍ରଭୃତି ନାହିଁ । ଜଗନ୍ନାଥଙ୍କ ଆଖି ଦୁଇଟି ଗୋଲ । ତେଣୁ ତାଙ୍କୁ ଚକାଡୋଳା କୁହାଯାଏ । କେହି କେହି କହନ୍ତି ଯେ ଜଗନ୍ନାଥ ନିରାକାର ହୋଇଥିବାରୁ ତାଙ୍କର ରୂପ ଏପରି ହୋଇଛି । ଆଉ କେହି କହନ୍ତି ଯେ ଜଗନ୍ନାଥଙ୍କ ମୂର୍ତ୍ତି ଓଁକାର ସ୍ୱରୂପରେ ଗଠିତ ହୋଇଛି । ଓଡ଼ିଆ କବିମାନେ ଏହି ମୂର୍ତ୍ତିଗୁଡ଼ିକ ଅଧାଗଢ଼ା ହୋଇଥିବାରୁ ସେମାନଙ୍କର ଏହିପରି ରୂପ ହୋଇଥିବାର ପ୍ରକାଶ କରିଛନ୍ତି ।

ବ୍ରହ୍ମପୁରାଣ ଓ ନାରଦପୁରାଣରେ ବିଶ୍ୱକର୍ମା ବଳରାମ, କୃଷ୍ଣ ଓ ସୁଭଦ୍ରା- ଏହି ତିନି ମୂର୍ତ୍ତିଙ୍କର ନିର୍ମାଣ ହିଁ କରିଥିବାର ବର୍ଣ୍ଣନା ରହିଛି, ସୁଦର୍ଶନଙ୍କର ନାମ ସେଥିରେ ନାହିଁ । ଅଗ୍ନିପୁରାଣ ତଥା ଗରୁଡ଼ ପୁରାଣରେ ମଧ୍ୟ ଏହି ତିନି ଦେବଦେବୀଙ୍କର ପୂଜା ହେଉଥିବାର ସୂଚନା ରହିଛି । କେତେକ ଆଲୋଚକ ପ୍ରକାଶ କରନ୍ତି ଯେ ମୂଳରୁ ଏହି ତିନି ଦେବଦେବୀଙ୍କର ହିଁ ଏହି କ୍ଷେତ୍ରରେ ପୂଜା ହେଉଥିଲା ଓ ପରେ ସୁଦର୍ଶନ ଓ ଅନ୍ୟ ଦେବଦେବୀଙ୍କର ସଂଯୋଗ ଘଟିଛି । ତେବେ ସେ ବିଷୟରେ କୌଣସି ନିର୍ଭରଯୋଗ୍ୟ ପ୍ରମାଣ ମିଳୁନାହିଁ । ବର୍ତ୍ତମାନ ଏହି ଦେବତାମାନଙ୍କର ପୂଜା ତିନିବାଡ଼ରେ ହିଁ ହେଉଥିବାର ପୂର୍ବରୁ କୁହାଯାଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ହିଁ ତାଙ୍କ ସହିତ ଅନ୍ୟ ଦେବଦେବୀଙ୍କର ପୂଜା ହୁଏ । ତେଣୁ ବଳଭଦ୍ର, ସୁଭଦ୍ରା ଓ ଜଗନ୍ନାଥ- ଏହି ତିନି ଦେବଦେବୀ ହିଁ ଏହି କ୍ଷେତ୍ରର ମୁଖ୍ୟ ଦେବତା ବୋଲି ଗ୍ରହଣ କରାଯାଇପାରେ । ରଥଯାତ୍ରାରେ ଏମାନଙ୍କ ପାଇଁ ତିନୋଟି ରଥ ହୁଏ, ସୁଦର୍ଶନ ସୁଭଦ୍ରାଙ୍କ ରଥରେ ବିଜେ ହୁଅନ୍ତି । ମାଧବ, ଲକ୍ଷ୍ମୀ ଓ ସରସ୍ୱତୀ ରଥଯାତ୍ରାରେ ଯାତ୍ରା କରନ୍ତି ନାହିଁ ।

●*(ସୌଜନ୍ୟ- ଶ୍ରୀକ୍ଷେତ୍ର ପରିଚୟ (ପୁସ୍ତକ), ଶ୍ରୀମନ୍ଦିର ପ୍ରକାଶନ, ପୁରୀ)*

## ଜାଣିବା କଥା ... ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଖଣ୍ଡୁଆ'ର ମହତ୍ତ୍ୱ କ'ଣ ?
ଉ - ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବ୍ୟବହୃତ ଲାଲ ରଙ୍ଗର ପାଟବସ୍ତ୍ର । ଖଣ୍ଡୁଆ ପାଟ ବା ଟସର ସୂତାରେ ବୁଣାଯାଇ ତହିଁରେ ନାନାଦି ପଶୁ, ପକ୍ଷୀ, ଜୀବ, ମନୁଷ୍ୟ, ବୃକ୍ଷ, ଲତା, ମନ୍ଦିର ଓ ଦେବତାଙ୍କର ଚିତ୍ର ଭିନ୍ନ ଭିନ୍ନ ରଙ୍ଗରେ ଖୁବ୍ କୁଶଳତାର ସହ ଚିତ୍ରିତ ହୋଇଥାଏ ।

୨. ପ୍ର - ଶ୍ରୀମନ୍ଦିରରେ 'ଖଣ୍ଡୁଆ ଗଡ଼ି' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିରରେ ପହଡ଼ ଆଳତି ପରେ ଶ୍ରୀମୁଖରେ ଲାଗି ହେଉଥିବା ଖଣ୍ଡୁଆ ।

୩. ପ୍ର - ଶ୍ରୀମନ୍ଦିରରେ 'ଖମ୍ଭ ଗାୟତ୍ରୀ'ଙ୍କ ମହତ୍ତ୍ୱ କ'ଣ ?
ଉ - ଶ୍ରୀମନ୍ଦିରର ଜଗମୋହନରେ ବିଜେ କରିଥିବା ଠାକୁରାଣୀ । ପାଳିଆ ପୂଜାପଣ୍ଡା ଏହାଙ୍କୁ ପ୍ରତିଦିନ ପୂଜା କରନ୍ତି । ବାହାର ଦେଉଳ ଭୋଗରୁ ମଝାଳ କାକରା ଏକ ମୂର୍ତ୍ତି ଭୋଗ ଲାଗେ ।

୪. ପ୍ର - ଶ୍ରୀମନ୍ଦିରରେ 'ଖମ୍ଭ ଦକ୍ଷିଣିକାଳୀଙ୍କ' ଆସ୍ଥାନ କେଉଁଠି ?
ଉ - ଶ୍ରୀମନ୍ଦିରସ୍ଥ ଜଗମୋହନ ଖମ୍ଭରେ ଏହି ଦେବୀଙ୍କର ଆସ୍ଥାନ । ଏହାଙ୍କୁ ପାଳିଆ ପୂଜାପଣ୍ଡା ପ୍ରତ୍ୟହ ବାହାର ଦେଉଳ ଭୋଗରୁ ଏକ ମୂର୍ତ୍ତି ବଡ଼ କାକରା ପୂଜା କରି ଖେଇ ରୂପେ ନିଅନ୍ତି ।

୫. ପ୍ର - ଶ୍ରୀମନ୍ଦିର ପରମ୍ପରାରେ 'ଖସାଗଡ଼ା' ଶବ୍ଦର ଅର୍ଥ କ'ଣ ?
ଉ - ଶ୍ରୀବିଗ୍ରହଙ୍କ ଶ୍ରୀଅଙ୍ଗରେ ଖଳି ଲଗାଯାଇ ଗୁଡ଼ାଇ ଦିଆଯାଉଥିବା ଶ୍ୱେତ ବସ୍ତ୍ର ।

୬. ପ୍ର - ଶ୍ରୀମନ୍ଦିର 'ଖର୍ହି କଟା ମଣ୍ଡପ' କହିଲେ କାହାକୁ ବୁଝାଏ ?
ଉ - ଶ୍ରୀମନ୍ଦିରସ୍ଥ ଏକ ମଣ୍ଡପ ବିଶେଷ । ଭୋଇ ବଂଶର ରାଜା ଦିବ୍ୟସିଂହ ଦେବ (୧୬୮୮-୧୭୧୬) ଏହି ମଣ୍ଡପ ନିର୍ମାଣ କରିଥିବାର ଜଣାଯାଏ । ଏହାର ଅନ୍ୟନାମ 'ନାଭିକଟା ମଣ୍ଡପ' ।

୭. ପ୍ର - ଶ୍ରୀମନ୍ଦିରରେ 'ଖିରି' କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - ଅରୁଆ ଚାଉଳ, ଚିନି, କ୍ଷୀର, ଅଳେଇଚ୍ ଇତ୍ୟାଦି ଦ୍ୱାରା ପ୍ରସ୍ତୁତ କ୍ଷୀରି ଭୋଗ । ଶ୍ରୀଜୀଉଙ୍କ ପଦ୍ମବେଶ ଦିନ ଖିରୀ ଭୋଗ ଲାଗି ହେବାର ବିଶେଷ ବିଧି ଅଛି ।

୮. ପ୍ର - ଶ୍ରୀମନ୍ଦିରରେ 'ଖୁଆଡ଼ ଘର' କହିଲେ କ'ଣ ବୁଝାଯାଏ ?
ଉ - କାର୍ତ୍ତିକ ଶୁକ୍ଳ ଏକାଦଶୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ରାଜାଙ୍କର ଦୀପ ଜଳିବା ପାଇଁ ଗରୁଡ଼ ପାଖରେ କୋଠ ସୁଆଁସିଆ ନିର୍ମିତ ତାଟି ଘର ।

●*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

*ଯୁଗେ ଯୁଗେ ରଥଯାତ୍ରା ...*


## ଇଷ୍ଟ ଇଣ୍ଡିଆ କମ୍ପାନୀ ଅମଳରେ ରଥଯାତ୍ରା ଏବଂ ମନ୍ଦିର ସମ୍ପର୍କିତ ସଂବାଦ

ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନ କାଳରେ ପୁରୀ ରଥଯାତ୍ରାର ବିବରଣୀ ନିମ୍ନରେ ପ୍ରଦତ୍ତ କରାଗଲା ।

### (୧୪) ୧୮୪୧ ମସିହା ରଥଯାତ୍ରା ସଂପର୍କୀତ ସଂବାଦ

ହିଷ୍ଟ୍ରି ଅଫ୍ ଦି ଜେନେରେଲ୍ ବାପଟିଷ୍ଟ ମିଶନ, ପୃ୧୭୯ରେ ଲେସି ସାହେବଙ୍କ ଉକ୍ତି ।

ତୀର୍ଥଯାତ୍ରୀ କର ଉଠିଯିବା ପରେ ପ୍ରଥମ ରଥଯାତ୍ରା ରେଭରେଣ୍ଡ ଲେସି ଦର୍ଶନ କରିଥିଲେ । ସେ ବର୍ଷ ଅନାବୃଷ୍ଟି ହେତୁ ଦୂରାଗତ ଯାତ୍ରୀଙ୍କ ସଂଖ୍ୟା କମ୍ ଥିଲା । ଲେସିଙ୍କ ଗଣନା ଅନୁସାରେ ଏହି ରଥ ଯାତ୍ରାରେ ପ୍ରାୟ ତିରିଶ ହଜାର ଯାତ୍ରୀ ସମାଗମ ହୋଇଥିଲା ।



ଯଦିଓ ଯାତ୍ରୀ ସମାଗମ କମ୍ ଥିଲା, କିନ୍ତୁ ଠାକୁରଙ୍କ ପ୍ରତି ଭକ୍ତି ଉନ୍ମାଦନା ପ୍ରଦର୍ଶନ ପୂର୍ବବତ୍ ଥିଲା । ଜଣେ ତୀର୍ଥଯାତ୍ରୀ ନିଜକୁ ରଥ ତଳେ ସମର୍ପଣ କରିଥିଲା ଏବଂ ଚକ ଚଢ଼ିଯାଇ ତା'ର ମସ୍ତିଷ୍କ ବିଚ୍ଛିନ୍ନ ହୋଇ ସେ ମୃତ୍ୟୁ ବରଣ କରିଥିଲା । କିଛି ସମୟ ପରେ ହଠାତ୍ କେତେକ ଉନ୍ମତ୍ତ ଜନତାଙ୍କ ଭିଡ଼ରେ କିଛି ଲୋକ ରଥ ଦଉଡ଼ି ଭିତରେ ଗୁଡ଼େଇ ହୋଇଯିବା ଫଳରେ ପ୍ରାୟ ଏକ ଡଜନ୍ ଲୋକ ପଡ଼ି ଯାଇଥିଲେ । ଏମାନଙ୍କ ଭିତରେ ଛଅ ଜଣ ପ୍ରାଣ ହରାଇଥିଲେ ଏବଂ ଅନ୍ୟମାନଙ୍କୁ ଅଚେତନ ଅବସ୍ଥାରେ ଡାକ୍ତରଖାନାକୁ ନିଆ ଯାଇଥିଲା । ଏହି ଘଟଣା ଜଗନ୍ନାଥଙ୍କର ଭକ୍ତମାନଙ୍କ ପାଇଁ ଏକ ଉଲ୍ଲାସର ବିଷୟ ବସ୍ତୁ ରୂପେ ପରିଗଣିତ ହୋଇଥିଲା ।

ଏହି ସଂକ୍ରାନ୍ତରେ ରେଭରେଣ୍ଡ ଓୟାର୍ଡ଼, ୧୮୪୧ ମସିହା ଅଗଷ୍ଟ ମାସରେ 'ଫ୍ରେଣ୍ଡ ଅଫ୍ ଇଣ୍ଡିଆ' ଖବର କାଗଜରେ ଲେଖିଥିଲେ- ''ଭକ୍ତମାନଙ୍କୁ ଭାରତ ବର୍ଷରେ, 'ଦଣ୍ଡ ଦେବାର ସବୁଠାରୁ ବଡ଼ ଯନ୍ତ୍ର' ବୋଲି ଜଗନ୍ନାଥଙ୍କୁ ଆଖ୍ୟା ଦିଆ ଯାଇପାରେ । ପ୍ରତ୍ୟେକ ବର୍ଷ ସାରା ଦେଶରେ ଯେତେ ନରହତ୍ୟା ହୁଏ, ରଥଯାତ୍ରା ଉପଲକ୍ଷେ ମୃତ୍ୟୁର ସଂଖ୍ୟା ତାହା ଠାରୁ ଅଧିକ ଅଟେ ।'' ବଙ୍ଗଳା ଓ ବିହାରରେ ଚୋରି ଡକାୟତି ଦ୍ୱାରା ଯେତେ ପରିମାଣରେ ଜନଜୀବନ ହାନି ହୁଏ, ରଥଯାତ୍ରାରେ ତାହାଠାରୁ ଅଧିକ କ୍ଷତି ହୁଏ । ଏହାର ମାତ୍ରା ଏତେ ଅଧିକ ଯେ ଏହାକୁ ନିବାରଣ କରିବା ନିମନ୍ତେ ପୋଲିସ୍ ବାହିନୀ ଓ ଶାସକ ସଂସ୍ଥା ତରଫରୁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା କରା ଯାଇଅଛି । ରେଭରେଣ୍ଡ ଓୟାର୍ଡ଼ ପୁରୀ ଠାରେ ରୋଗାକ୍ରାନ୍ତ ଓ ଦୁର୍ଘଟଣା ଗ୍ରସ୍ତ ହୋଇ ପ୍ରତ୍ୟେକ ବର୍ଷ ୪,୦୦୦ ରୁ ୫,୦୦୦ ତୀର୍ଥଯାତ୍ରୀଙ୍କର ମୃତ୍ୟୁ ଘଟୁଥିଲା ବୋଲି ମନ୍ତବ୍ୟ ଦେଇଥିଲେ । ଏଭଳି ଏକ ଭୁଲ ତଥ୍ୟ ଇଂଲଣ୍ଡବାସୀଙ୍କ ମନରେ ଆଲୋଡ଼ନ ସୃଷ୍ଟି କରିଥିଲା ଏବଂ ବଙ୍ଗଳା ସରକାର ଏଥିନିମନ୍ତେ କମିଶନର୍ ଏ.ଜେ.ମିଲ୍ସ୍‌ଙ୍କୁ ଏକ ବିବରଣୀ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

୨୬ ଅଗଷ୍ଟ ୧୮୪୩ରେ ମିଲ୍ସ୍ ଲେଖିଲେ, ତୀର୍ଥଯାତ୍ରୀମାନଙ୍କର ମୃତ୍ୟୁ ସଂଖ୍ୟାର ସଠିକ୍ ମୂଲ୍ୟାଙ୍କନ କରିବା ଅସମ୍ଭବ । ରଥଯାତ୍ରା ବର୍ଷାଋତୁରେ ଅନୁଷ୍ଠିତ ହୁଏ । ଏହି ସମୟରେ ପାଗ ଥଣ୍ଡା ଏବଂ ସନ୍ତସନ୍ତିଆ ଥାଏ । ଅନାବୃତ ଖାଦ୍ୟ ଦ୍ରବ୍ୟାଦି ଖାଇବା ଫଳରେ ଲୋକମାନେ ହଇଜା ପ୍ରଭୃତି ମହାମାରୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରନ୍ତି । କିନ୍ତୁ ମୋ ମତରେ ପ୍ରତ୍ୟେକ ବର୍ଷ ୪,୦୦୦ ରୁ ୫,୦୦୦ ଲୋକଙ୍କର ମୃତ୍ୟୁ ଘଟଣାର ମନ୍ତବ୍ୟ ଅତିରଞ୍ଜିତ ଅଟେ । ସିଭିଲ୍ ସରଜନ୍‌ଙ୍କର ଗଣନା ଅନୁଯାୟୀ ଗତ ତିନି ବର୍ଷରେ ରଥଯାତ୍ରା ଉପଲକ୍ଷେ ଯାତ୍ରୀମାନଙ୍କର ମୃତ୍ୟୁ ସଂଖ୍ୟା ହାରାହାରି ୪୮୪ ଅଟେ, କିନ୍ତୁ ଗତ ରଥଯାତ୍ରା ଉତ୍ସବରେ ବଙ୍ଗଳା ଏବଂ ଦୂରାଗତ ଯାତ୍ରୀମାନଙ୍କ ସଂଖ୍ୟା ୫୦,୦୦୦ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୭୦୦ ବୋଲି ଗଣନା କରାଯାଇଥିଲା ।

● (ଅନୁବାଦିତ)

*ଐତିହ୍ୟ ପୃଷ୍ଠାରୁ ...*

## ଶୂନ୍ୟ ରହିଛି ମହାପ୍ରଭୁଙ୍କ ମାଟିର ସିଂହାସନ

ସୁବର୍ଣ୍ଣପୁର ଜିଲ୍ଲାର ବାଘାପାଲ୍ଲୀ ଗାଁ । ଏହି ଗାଁର ଐତିହ୍ୟ ମହାପ୍ରଭୁଙ୍କ ଉପାସନା ସହିତ ଜଡ଼ିତ ହୋଇଯାଇଛି । ପୁରୁଷୋତ୍ତମ କ୍ଷେତ୍ର ଉପରେ ରକ୍ତବାହୁର ଆକ୍ରମଣ କରିବା ବେଳର ଘଟଣା । ପାଖାପାଖି ଚଉଦଶହ ବର୍ଷ ତଳେ ମନ୍ଦିର ଆକ୍ରମଣ କରିବା ପୂର୍ବରୁ ସେବକମାନେ ମହାପ୍ରଭୁଙ୍କୁ ସ୍ଥାନାନ୍ତର କରି ଦେଇଥିଲେ ଭାର୍ଗବୀ ନଈର ଦୋବନ୍ଧା ଘାଟକୁ । ପାଇକବାହିନୀ ଓ ଜଳବାହିନୀର ମହ୍ଲାରମାନଙ୍କ ସହଯୋଗରେ ଜଳପଥରେ ନେଇଯାଇଥିଲେ ମହାନଦୀକୁ । ମହାନଦୀର ବୌଦ୍ଧ ଘାଟରେ ପହଞ୍ଚିବା ପରେ ବୌଦ୍ଧରାଜା ଖବର ପାଇ ସମସ୍ତ ସୁରକ୍ଷା ବ୍ୟବସ୍ଥା କରିଥିଲେ ।



ମହାପ୍ରଭୁଙ୍କ ପରମ ଭକ୍ତ ବୌଦ୍ଧରାଜା ବି ଜଳଯାତ୍ରାରେ ଯୋଗ ଦେଇଥିଲେ । ତତ୍‌କାଳୀନ ମହାରାଜା ଯେ କି ପ୍ରଭୁଙ୍କ ସହିତ ଜଳପଥରେ ଯାଇଥିଲେ ତାଙ୍କ ସହିତ ଭେଟ ହେଲା । ଦୁହେଁ ଉପ ସହିତ ଯାଇ ପହଞ୍ଚିଥିଲେ ଗୋ-ପାଲ୍ଲୀ ଘାଟରେ । ଗୋ-ପାଲ୍ଲୀ ଘାଟ ଛଳିଆ ପାହାଡ଼ ପାଦଦେଶରେ ଏବେ ବି ଅଛି । ଖବର ପାଇ ସୋନପୁର ରାଜା ବିଜେ କଲେ ଗୋ-ପଲ୍ଲୀକୁ । ବିଘର ପରେ ସ୍ଥିର ହେଲା, ଘାଟଠାରୁ କୋଶେ ବାଟ ଦୂରରେ ଥିବା ବାଘାପାଲ୍ଲୀରେ ବିଜେ କରିବେ ମହାପ୍ରଭୁ ।

ଅଝାଡ଼ ଜଙ୍ଗଲ ଘେର ଭିତରେ ଥିଲା ବାଘାପାଲ୍ଲୀ । ସଂଜ ନଇଁଲେ ବାଘ ଗଡ଼ନ୍ତି ପାହାଡ଼ରୁ । ସେଇଠି ସୁଧା ଦୀପ୍ତ ମଣ୍ଡପଟିଏ ନିର୍ମାଣ ହେଲା । ବିଜେ କଲେ ମହାପ୍ରଭୁ । ବାଘ ଭୟରେ ଆକ୍ରମଣକାରୀ ସେଠି ପହଞ୍ଚିବା ସମ୍ଭବ ନଥିଲା । ବେଳ ଦେଖି ସେହି ମଣ୍ଡପକୁ ସିଂହାସନରେ ରୂପାନ୍ତରିତ କରାଗଲା । ଉପରେ ଘଳ ଛପର ହୋଇ ଘରିପଟ ଝାଟିମାଟି କାନ୍ଥରେ ଆବଦ୍ଧ କରାଗଲା । ସେଇଠି ପ୍ରଭୁ ଲୀଳା କଲେ ୪୫ ବର୍ଷ ।

ତା'ପରେ ଘଟିଲା ଅଭାବନୀୟ ଘଟଣା । ଦୁଇଜଣ ରାଜା ଅଝାଡ଼ ଜଙ୍ଗଲରେ ପ୍ରବେଶ କରିଗଲେ, ଅର୍ଥାତ୍ ଜୀବନକୁ ଜଳାଞ୍ଜଳି ଦେଇଥିଲେ କେବଳ ଜାତିର ପରିଚ୍ୟକୁ ସୁରକ୍ଷା ନ ଦେଇ ପାରିବାରେ ଗ୍ଳାନିରେ... । ସେବକମାନେ ଅନେକ ମରିହଜି ଗଲେ । ଯିଏ ପୁରୀ ଫେରିଲେ ଆସି କହିଲେ ମଣିମା ରହିଲେ 'ଗୋପାଳି'ରେ । ପଇଁଋଳିଶି ବର୍ଷ ପରେ ବିପଦ ପୁଣି ଦେଖାଦେଲା । ସଭିଏଁ ମିଶି ପାହାଡ଼ ଉପରକୁ ନେଇ ଅପରପାର୍ଶ୍ୱରେ ଥିବା ଗୁମ୍ଫାରେ ରଖି ଗୁମ୍ଫା ବନ୍ଦ କରିଦେଲେ । ଗୁମ୍ଫାରେ ରହିଗଲେ ୯୯ ବର୍ଷ । ମୋଟ ୧୪୪ ବର୍ଷ ପରେ ମହାରାଜା ଯଯାତିକେଶରୀଙ୍କ ସମୟରେ ତତ୍‌କାଳୀନ ଶ୍ରୀଶଙ୍କରାଋର୍ଯ୍ୟଙ୍କ ସହାୟତାରେ ପ୍ରଭୁ ପାତାଳି ଲୀଳା ସାରି ଶ୍ରୀକ୍ଷେତ୍ରକୁ ବାହୁଡ଼ି ଆସିଥିଲେ । ନବକଳେବର ହୋଇଥିଲା ଆସିବା ବାଟରେ ଯାଜପୁରର ବୈତରଣୀ ତୀର୍ଥରେ ।

ପ୍ରଭୁ ସିନା ଆସିଲେ । ସୁଧାଦୀପ୍ତ ମଣ୍ଡପ ଆଉ ମାଟିର ସିଂହାସନ ଶୂନ୍ୟ ହୋଇ ରହି ଯାଇଛି ଆଜିଯାଏଁ । ଅଢ଼େଇଶ ବର୍ଷ ତଳେ ସିଦ୍ଧ ଯୋଗୀ ଚନ୍ଦ୍ରମଣି ଦାସ ଶୂନ୍ୟ ସିଂହାସନକୁ ନେଇ ବସେଇଥିଲେ ଆଶ୍ରମଟିଏ । ଆଶ୍ରମରେ କିନ୍ତୁ ଘଳ ଓ ମାଟିର ଘରକୁ ସୁରକ୍ଷିତ ରଖି ଶୂନ୍ୟ ସିଂହାସନକୁ ପୂଜା କରୁଥିଲେ । ଶୂନ୍ୟ ସିଂହାସନ ପୂର୍ଣ୍ଣ କରିବାର ପ୍ରୟାସ ହୋଇନି ନାଁ ପ୍ରଭୁ ଋହୁଁଛନ୍ତି ଶୂନ୍ୟ ହୋଇ ଥାଉ....!!!

*ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର- ପୂର୍ବତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ,*
● *(ଦୋଳମଣ୍ଡପ ସାହି), ପୁରୀ-୧*

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ














# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଶିଳାନ୍ୟାସ













# ଚ଼ନ୍ଦନ ଲାଗି ସମୟେ...

ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଦୈନିକ ନୀତି ମଧ୍ୟରେ ଚ଼ନ୍ଦନ ଲାଗି ଏକ ବିଶେଷ ନୀତି । ଗମ୍ଭୀରା ଭିତରେ ଥାଇ ଭୋଗରାଗ ସେବନ କରିବା, ସାହାଣମେଲା ଦର୍ଶନ ଦେଇ ଭକ୍ତ ଜନସାଧାରଣଙ୍କୁ ସନ୍ତୁଷ୍ଟ କରି କରି ମହାପ୍ରଭୁ ଗଳଦ୍‌ଘର୍ମ ହୋଇଯାଆନ୍ତି । ସେଥିପାଇଁ ତାଙ୍କ ଶ୍ରୀଅଙ୍ଗରେ ଚନ୍ଦନ ଲାଗି ହୋଇଥାଏ । ଘଟୁଆରୀ ସେବକ ବାସ ଚନ୍ଦନ ଘୋରି ଯୋଗାଇ ଦିଅନ୍ତି ଏବଂ ବେଶକାରୀ ପୁଷ୍ପାଳକ ତିନି ବାଡ଼ରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ମା' ସୁଭଦ୍ରା ଏବଂ ଚ଼କ୍ରରାଜ ସୁଦର୍ଶନଙ୍କ ଶ୍ରୀଅଙ୍ଗରେ ଚ଼ନ୍ଦନ ଲେପନ କରିଥାଆନ୍ତି । ଚ଼ନ୍ଦନ ଲାଗି ବେଳେ ଦିଅଁମାନେ ଅତିଶୟ ଆନନ୍ଦିତ ଥାଆନ୍ତି ଏବଂ ଭକ୍ତମାନଙ୍କ ମନୋବାଞ୍ଛା ପୂରଣ କରିଥାଆନ୍ତି ବୋଲି ଲୋକମାନେ ବିଶ୍ୱାସ କରନ୍ତି । ପୂର୍ବେ ଗଜପତି ମହାରାଜାମାନେ ମହୀଶୂର ରାଜ୍ୟରୁ ସୁଗନ୍ଧଯୁକ୍ତ ଚ଼ନ୍ଦନ ମହାପ୍ରଭୁଙ୍କ ସେବା ପାଇଁ ମଗାଉଥିଲେ । ଆଜିକାଲି ଓଡ଼ିଶା ରାଜ୍ୟର ଜଙ୍ଗଲରେ ଚ଼ନ୍ଦନ ବୃକ୍ଷ ଲଗାଯାଇ ମହାପ୍ରଭୁଙ୍କ ସେବା ପାଇଁ ବ୍ୟବହୃତ ହେଲାଣି । ବହୁତ ଦିନ ତଳେ ଷୋଡ଼ଶ ଶତାବ୍ଦୀରେ କାଶୀରାମ ନାମରେ ଜଣେ ବୋଇତ ବ୍ୟବସାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଆସି ପହଞ୍ଚିଲେ । ମହାପ୍ରଭୁଙ୍କ ପାଇଁ ସେ ସାଥିରେ ଆଣିଥିଲେ 'ଶ୍ରୀଖଣ୍ଡ ଚ଼ନ୍ଦନ' । ଏହି ଚ଼ନ୍ଦନ ଅତ୍ୟନ୍ତ ସୁଗନ୍ଧଯୁକ୍ତ । ଏହା ଚ଼ନ୍ଦନ ଗଛର ଗଣ୍ଡିରୁ ନିର୍ମିତ ଖଣ୍ଡେ କାଠ ନୁହେଁ । ଚ଼ନ୍ଦନ, କର୍ପୂର, କସ୍ତୁରୀ ଏବଂ ଅନ୍ୟ କେତେକ ସୁଗନ୍ଧ ଦ୍ରବ୍ୟ ଏକାଠି ଦଳା ହୋଇ ଚ଼ନ୍ଦନର ଟେଳା ତିଆରି ହୋଇଥିଲା । ମାଦଳାପାଞ୍ଜି ମତରେ ଏହି ଚ଼ନ୍ଦନ ଟେଳାର ମୂଲ୍ୟ ପ୍ରାୟ ଦଶ ହଜାର ସୁନିଆଁ ହେବ । ଗୁଆଘିଅକୁ ଫୁଟାଇ ତା ଦେହରେ ଏହି ଚ଼ନ୍ଦନଟେଳାକୁ ଘୋରି ଏକତୋଳା ପକାଇ ଦେଲେ ଘରେ ବାସ ଚ଼ହଟିବା ସଂଗେ ସଂଗେ ଘରର ପରିବେଶ ଶୀତଳ ହୋଇଯିବ । ବଡ଼ ଦେଉଳରେ ଦିଅଁଙ୍କୁ ଦର୍ଶନ ସାରି ଶ୍ରୀନହରରେ ତତ୍‌କାଳୀନ ଗଜପତି ମହାରାଜାଙ୍କୁ ଭେଟି ବ୍ୟବସାୟୀ କାଶୀରାମ ଏହି ଗନ୍ଧରାଜ ଚ଼ନ୍ଦନ ଉପହାର ଦେଇଥିଲେ । ଗଜପତି ମହାରାଜା ବ୍ୟବସାୟୀଙ୍କ ଠାରୁ ମୂଲ୍ୟବାନ ଚ଼ନ୍ଦନର କେତୋଟି ଟେଳା ରଖିଲେ । ସେତେବେଳେ ଓଡ଼ିଆ ଭାଗବତ ରଚ଼ୟିତା ଜଗନ୍ନାଥ ଦାସ ଅତିବଡ଼ ଜଗନ୍ନାଥ ଦାସ ନାମରେ ଭକ୍ତ ସମାଜରେ ସୁପରିଚିତ ହୋଇସାରି ଥାଆନ୍ତି । ଗଜପତି ମହାରାଜା ଏବଂ ମହାରାଣୀ ମଧ୍ୟ ତାଙ୍କୁ ସମ୍ମାନ ପ୍ରଦର୍ଶନ କରୁଥାଆନ୍ତି । ଶ୍ରୀଜଗନ୍ନାଥଙ୍କ ସେବା ପାଇଁ ମିଳିଥିବା ଶ୍ରୀଖଣ୍ଡ ଚ଼ନ୍ଦନ ଭକ୍ତ ଜଗନ୍ନାଥ ଦାସଙ୍କ ହାତରେ ଦେଇ ଗଜପତି ଆଦେଶ ଦେଲେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଲାଗି କରିଦେବା ପାଇଁ । ଦାସେ ତ ଭାବଭୋଳା । ଟେଳାଏ ଚ଼ନ୍ଦନ ଧରି ବଡ଼ ଓଡ଼ିଆ ମଠକୁ ଗଲେ । ତାକୁ ଗୋଳି କାନ୍ଥରେ ବୋଳିଦେଲେ । ମଠସାରା ବାସ ଚ଼ହଟି ଉଠିଲା । ଏକଥା ଗଜପତି ମହାରାଜାଙ୍କ କାନକୁ ଗଲା । ସେ ଦାସଙ୍କୁ ଡକାଇ ପଠାଇଲେ । ପଚ଼ରିଲେ, ଆମ୍ଭେ ଦେଇଥିବା ଚ଼ନ୍ଦନ ମହାପ୍ରଭୁଙ୍କୁ ଲାଗି ହୋଇଛି ? ଦାସେ କହିଲେ ଆଜ୍ଞା ମଣିମା । ଚ଼ଲନ୍ତୁ ଶ୍ରୀମନ୍ଦିରକୁ ଯିବା । ମହାପ୍ରଭୁଙ୍କୁ ଚ଼ନ୍ଦନ ଲାଗି ବେଶରେ ଦର୍ଶନ କରିବା । ସନ୍ଦେହମୋଚନ ପାଇଁ ଗଜପତି ମହାରାଜା ତତ୍‌କ୍ଷଣାତ୍ ବଡ଼ଦେଉଳକୁ ବାହାରିଲେ । ସେଠାରେ ପହଞ୍ଚି ଦେଖିଲେ ମହାପ୍ରଭୁ ଚ଼ନ୍ଦନ ବେଶରେ ପୁଲକି ଉଠିଛନ୍ତି । ରଙ୍ଗ ଅଧରରେ ହସ ଉକୁଟାଇ ଗଜପତିଙ୍କୁ କହୁଛନ୍ତି, ଆମ୍ଭ ଭକ୍ତକୁ ତୁମେ ସନ୍ଦେହ କରୁଛ ଗଜପତି ? ସେ ଯାହା ଆମ୍ଭଙ୍କୁ ସମର୍ପଣ କରିଦେବ ତାକୁ ଗ୍ରହଣ ନ କରି ଆମ୍ଭର ଚ଼ରା ଅଛି ? ଆମ୍ଭେ ପରା ଭକ୍ତର ଅଧୀନ !



*ଶଂକର୍ଷଣ ମଂଗରାଜ, (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ)*
*ମଂଗଳାଘାଟ ରୋଡ଼, ପୁରୀ-୧*



## ଡିସେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୩.୧୨.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଦେବ ଦୀପାବଳୀ ଆରମ୍ଭ |
| ତା. ୪.୧୨.୨୧ ରିଖ ଶନିବାର | ଶ୍ରୀମନ୍ଦିରରେ ମଧ୍ୟ ଦେବ ଦୀପାବଳୀ ଓ ଅମାବାସ୍ୟା |
| ତା. ୫.୧୨.୨୧ ରିଖ ରବିବାର | ଶ୍ରୀମନ୍ଦିରରେ ଶେଷ ଦୀପାବଳୀ |
| ତା. ୯.୧୨.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ପ୍ରାବଣ ବା ଓଢ଼ଣ ଷଷ୍ଠୀ |
| ତା. ୧୪.୧୨.୨୧ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଗୋମତୀ ଏକାଦଶୀ |
| ତା. ୧୬.୧୨.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଧନୁ ସଂକ୍ରାନ୍ତି ଓ ପହିଲି ଭୋଗ ଆରମ୍ଭ |
| ତା. ୧୭.୧୨.୨୧ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ପଣ୍ଡୁ ନୃସିଂହ ବିଜେ |
| ତା. ୩୦.୧୨.୨୧ ରିଖ ଗୁରୁବାର | ଶ୍ରୀମନ୍ଦିରରେ ସଫଳା ଏକାଦଶୀ |

ସୌଜନ୍ୟ- OMC | ODISHA NEW OPPORTUNITIES

ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।

**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**
**E-mail : jagannath.or@nic.in * Web Site : www.shreejagannatha.in**
**Printed at : Rama Press, North Gate, Puri**
ମୂଲ୍ୟ : ଦୁଇଟଙ୍କା ମାତ୍ର